# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18th December - 2024**

**News Editor : *Tapan Kumar Maharana***

***************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ ସରକାର କାର୍ଯ୍ୟ କରୁଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ ।
- ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ-୨୦୨୪ ଆଜିଠାରୁ ହେଲା ଆରମ୍ଭ ।
- ରାଜ୍ୟର ୧୯ଟି ଜିଲ୍ଲାରେ ଚାଲିଛି ଯକ୍ଷ୍ମା ନିରାକରଣ ଅଭିଯାନ ।
- ବରପାଲିଠାରେ ଆଜିଠାରୁ ଆରମ୍ଭ ହେଲା ତିନିଦିନିଆ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ।

ଏବଂ

- ପୁରୀଠାରେ ଆରମ୍ଭ ହେଲା ୬୮ତମ ବିଚ୍ ଭଲିବଲ୍ ଚାମ୍ପିୟନ୍‌ସିପ୍ ।

***Keonjharh/R***

## ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ତିନିଦିନିଆ

କେନ୍ଦୁଝର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଆଜି ମୁଖ୍ୟମନ୍ତ୍ରୀ ଅପରାହ୍ନରେ ଜିଲ୍ଲା ଅଡିଟୋରିୟମ୍‌ରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର ବାର୍ଷିକୀ ଉତ୍ସବରେ ଯୋଗ ଦେଇ କହିଛନ୍ତି, କେନ୍ଦୁଝରରୁ ଦିଲ୍ଲୀକୁ ଖୁବ୍‌ଶୀଘ୍ର ତିନିଦିନ ଟ୍ରେନ୍ ଚଳାଚଳ କରିବ ।

ପୁରୁଣା ସହର ସିଦ୍ଧମଠ'ଠାରେ ଆଜି ସକାଳେ ମୁଖ୍ୟମନ୍ତ୍ରୀ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପରେ ସେ ହ୍ୟାଣ୍ଡବଲ୍ ପଡ଼ିଆରେ ଚାଲିଥିବା ସବ୍‌ଜୁନିୟର୍ ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ମଧ୍ୟ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ତୋଲକୋଇ ବିଧାୟକ ଫକିର ମୋହନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ କାଳୀପଡ଼ିଆରେ ଅନୁଷ୍ଠିତ ହେବାକୁଥିବା ଗୋନାସିକା ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

***HS***

## ସର୍ଗିଫୁଲ୍ ଉଦ୍‌ଘାଟିତ

ସର୍ଗିଫୁଲ ହେଉଛି ପ୍ରେରଣାର ଉତ୍ସ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ-୨୦୨୪କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି, କିଶୋର ସୃଜନଶକ୍ତିକୁ ଅଧିକ ଋଦ୍ଧିମନ୍ତ କରିବା

ଉଦ୍ଦେଶ୍ୟରେ ସର୍ଗିଫୁଲ ଉତ୍ସବ ଆୟୋଜନ କରାଯାଉଛି । ଭୁବନେଶ୍ୱର ଆଦିବାସୀ ପଡ଼ିଆରେ ଚାଲିଥିବା ତିନିଦିନିଆ ସର୍ଗିଫୁଲ ଉତ୍ସବକୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜନ କରାଯାଉଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରି କହିଛନ୍ତି, ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ଉପାସକ । ସମୟାନୁକ୍ରମେ ଜନଜାତି ସମ୍ପ୍ରଦାୟ ସର୍ଗିଫୁଲ ବା ଶାଳଫୁଲକୁ ଖାଦ୍ୟଭାବେ ଗ୍ରହଣ କରିଆସୁଥିଲେ । ପରେ ଏହାକୁ ଜାହିରା ଭାବେ ପୂଜା କରିବା ଆରମ୍ଭ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କପାଇଁ ଉଦ୍ଦିଷ୍ଟ ପତ୍ରିକା 'ସର୍ଗିଫୁଲ-୨୦୨୪'ର ଲୋକାର୍ପଣ କରାଯାଇଛି ।

ତିନିଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ରାଜ୍ୟର ସବୁ ଜିଲ୍ଲାରୁ ୩୫୧ ଜଣ ଛାତ୍ର, ୭୩୧ ଜଣ ଛାତ୍ରୀ ଏବଂ ୧୩୯ ଜଣ କ୍ରୀଡ଼ା ଓ ମାର୍ଗଦର୍ଶୀ ଶିକ୍ଷକ ଭାଗ ନେଇଛନ୍ତି । ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନପାଇଁ ସମ୍ମାନିତ କରାଯାଇଛି ।

***Desk***

## ସାହିତ୍ୟ ଏକାଡେମୀ ପୁରସ୍କାର

ପ୍ରଫେସର ବୈଷ୍ଣବ ଚରଣ ସାମଲ ଚଳିତ ବର୍ଷପାଇଁ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର । ତାଙ୍କ ରଚିତ ପ୍ରବନ୍ଧ ପୁସ୍ତକ 'ଭୂତି-ଭକ୍ତି-

ବିଭୂତି' ଏହି ପୁରସ୍କାରପାଇଁ ମନୋନୀତ ହୋଇଛି । ପ୍ରଫେସର ସାମଲ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଶାନ୍ତି ନିକେତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବରିଷ୍ଠ ପ୍ରାଧ୍ୟାପକ ଭାବେ କାର୍ଯ୍ୟ ନିର୍ବାହ କରିଛନ୍ତି ।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ପ୍ରଫେସର ସାମଲ୍ ମନୋନୀତ ହେବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଆ ସାହିତ୍ୟରେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରି ପ୍ରଫେସର ସାମଲ୍ ଓଡ଼ିଶାକୁ ଗର୍ବିତ କରିଛନ୍ତି ।

***Desk***

# ପହୁଡ଼ ନୀତି

**ପୁରୀ** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଆଜି ଦିବା ପହୁଡ ନୀତି ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁଙ୍କର ଏହି ନୀତି ପାଇଁ ଅପରାହ୍ନ ୨ଟା ୫୨ମିନିଟ୍‌ରୁ ସନ୍ଧ୍ୟା ୫ଟା ୫ମିନିଟ୍ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ଥିଲା। ପହିଲିଭୋଗ ମାସରେ ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଥାଏ । ଅନ୍ୟପକ୍ଷରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆଜି ପହୁଡ ନୀତି ଯୋଗୁଁ ବନ୍ଦ ଥିଲା । ଆସନ୍ତାକାଲିଠାରୁ ପୁଣି ଥରେ ରତ୍ନଭଣ୍ଡାର ମରାମତି କାମ ଚାଲିବ ।

***Desk***

# ଯକ୍ଷ୍ମା ନିରାକରଣ

୧୦୦ ଦିନ ବ୍ୟାପୀସଘନ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ  ଗତ ୭ ତାରିଖଠାରୁ ଆରମ୍ଭ ହୋଇଛି। ରାଜ୍ୟର ବଲାଙ୍ଗିର, ବରଗଡ଼, ଭଦ୍ରକ, ବୌଦ୍ଧ, କଟକ, ଦେବଗଡ଼, ଗଞ୍ଜାମ, ଜଗତ୍‌ସିଂହପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ରାୟଗଡ଼ା, ସୋନପୁର ଓ ସୁନ୍ଦରଗଡ଼ ଆଦି ୧୯ଟି ଯକ୍ଷ୍ମାପ୍ରବଣ ଜିଲ୍ଲାଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ କରାଯାଇଛି।  ୬୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି, ମଧୁମେହରେ ପୀଡିତ ବ୍ୟକ୍ତି, ଅପପୁଷ୍ଟିର ଶିକାର କିମ୍ବା ଏଚ୍‌ଆଇଭି ଆକ୍ରାନ୍ତ ବ୍ୟକ୍ତି, ଧୂମପାନ ଓ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ସମେତ ୫ ବର୍ଷ ମଧ୍ୟରେ ଯକ୍ଷ୍ମାରେ ସଂକ୍ରମିତ ହୋଇଥିବା କୌଣସି ଲୋକଙ୍କୁ ଚିକିତ୍ସା କରାଯାଇ ଯକ୍ଷ୍ମା ନିରାକରଣ କାର୍ଯ୍ୟରେ ସାମିଲ କରାଯାଇଛି।

***Koraput/R***

# ଯକ୍ଷ୍ମା ନିରାକରଣ

କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ୍‌ରେ ଯକ୍ଷ୍ମା ନିରାକରଣ ଅଭିଯାନ ଏବଂ ଯକ୍ଷ୍ମା ରୋଗ ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ଦିଆଯାଉଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନ୍‌ଵାଡ଼ି

ଏବଂ ଏ.ଏନ୍.ଏମ୍.ମାନେ ଯକ୍ଷ୍ମା ନିରାକରଣ ଅଭିଯାନରେ ସାମିଲ୍ ହୋଇ ସହର ଏବଂ ଗ୍ରାମାଞ୍ଚଳଗୁଡ଼ିକରେ ସଚେତନର ବାର୍ତ୍ତା ପହଞ୍ଚାଉଛନ୍ତି । ପୁରୁଣା ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଦିଆଯାଉଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଯକ୍ଷ୍ମା ନିୟନ୍ତ୍ରଣ ଅଧିକାରୀ ଡାକ୍ତର ଶିବ ସାଇ ସ୍ୱରୂପ ଆକାଶବାଣୀକୁ କହିଛନ୍ତି :

***Voice*** :..........

***Kendrapara/R***

## ମତ୍ସ୍ୟ-ପ୍ରାଣୀସମ୍ପଦ ମେଳା

ସମୁଦ୍ର ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା ଜିଲ୍ଲାରେ ମାଛଚାଷପାଇଁ ଅନୁକୂଳ ଭିତ୍ତିଭୂମି ରହିଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲା ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଗୋ-ବଂଶର ବିକାଶ, ଗୋପାଳନକୁ ପ୍ରୋତ୍ସାହନ ତଥା ଗୋ-ବଂଶ ଜାତୀୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ଗୋଶାଳା ନିର୍ମାଣ ସହିତ ଗୋଖାଦ୍ୟ ଯୋଗାଇଦେବାପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୪୦ଟି ମଣ୍ଡପ ମେଳାରେ ଖୋଲାଯାଇଛି । ଏଥିରେ କୃଷି

ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ପ୍ରାଣୀସମ୍ପଦ ବିଭାଗ, ନାବାର୍ଡ, ମତ୍ସ୍ୟ ଏବଂ ଜିଲ୍ଲାର ସଫଳ ଉଦ୍ୟୋଗୀମାନଙ୍କର ସଫଳତାର କାହାଣୀ ପ୍ରଦର୍ଶିତ ହେଉଛି ।

***Baragarh/R***

## ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ବରଗଡ଼ ଜିଲ୍ଲା ବରପାଲି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୪-୨୫ ଅନୁଷ୍ଠିତ ହୋଇଛି । ପ୍ରଦର୍ଶନୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ବାଲ୍ ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଛନ୍ତି । ପ୍ରତି ଜିଲ୍ଲାରୁ ୭ ଜଣ ଲେଖାଏଁ ବାଲ୍ ବୈଜ୍ଞାନିକ ଏଥିରେ ଭାଗ ନେଇଛନ୍ତି । ଖାଦ୍ୟ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବହନ ଓ ଯୋଗାଯୋଗ, ପ୍ରାକୃତିକ ଚାଷ, ବିପର୍ଯ୍ୟୟ ପରିଚାଳନା, ଗଣିତ, ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ମୋଟ୍ ୨୧୦ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି । ପ୍ରଦର୍ଶନୀ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ ।

***Puri/R***

## ଭଲିବଲ୍ ଚାମ୍ପିୟନସିପ୍

ପୁରୀ ନୀଳାଦ୍ରି ବିଚ୍‌ଠାରେ ଓଡ଼ିଶା ରାଜ୍ୟ ସ୍କୁଲ୍ ସ୍ପୋର୍ଟସ୍ ଆସୋସିଏସନ୍ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚାରିଦିନିଆ ୬୮ତମ ବିଚ୍

ଭଲିବଲ୍ ଚାମ୍ପିୟନସିପ୍ ଉଦଘାଟିତ ହୋଇଯାଇଛି । ପୁରୀ ବିଧାୟକ ସୁନିଲ୍ କୁମାର ମହାନ୍ତି ଏହାର ଶୁଭାରମ୍ଭ କରିଛନ୍ତି । ଶରୀରକୁ ସୁସ୍ଥ ରଖିବା ସହ ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଏହିଭଳି କ୍ରୀଡ଼ାରୁ ମିଳିଥାଏ ବୋଲି ସେ କହିଛନ୍ତି । ଏହି ପ୍ରତିଯୋଗିତାରେ ୧୨ଟି ଜାତୀୟ ସ୍ତରର ଦଳ ଅଂଶଗ୍ରହଣ କରିଛନ୍ତି ।

***BBSR/R***

## ନୃତ୍ୟ ପ୍ରତିଯୋଗିତା

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳଦ୍ୱାର ଆନ୍ତଃମଣ୍ଡଳୀୟ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ପୂର୍ବତଟ ରେଳବାଇର ବିଶାଖାପାଟଣା-ସମ୍ବଲପୁର, ଖୋର୍ଦ୍ଧାରୋଡ୍ ଡିଭିଜନ ସମେତ ପୂର୍ବତଟ ରେଳବାଇ ମୁଖ୍ୟ କାର୍ଯ୍ୟାଳୟର ସାଂସ୍କୃତିକ ଦଳ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି ।

***Sambalpur/R***

## ରକ୍ତଦାନ

ସମ୍ବଲପୁର ଡିଭିଜନାଲ୍ ରେଳ ଡାକ୍ତରଖାନାଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ସମ୍ବଲପୁର ରେଳ ଡିଭିଜନ୍‌ର ପରିଚାଳକ ତୁଷାରକାନ୍ତ ପାଣ୍ଡେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ ।

ଶିବିରରେ ୫୧ ରେଳ ଅଧିକାରୀ, କର୍ମଚାରୀ ଏବଂ ପରିବାରର ସଦସ୍ୟମାନେ ରକ୍ତଦାନ କରିଥିଲେ ।

***Desk***

# ପାଣିପାଗ

ପଶ୍ଚିମା ଝଡ଼ ପ୍ରଭାବରେ ଆସନ୍ତା ସୋମବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ବର୍ଷା ସହିତ ପାଗ କୋହଲା ରହିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ଦୁଇଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ପୁରୀ, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ରାୟଗଡା, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ଆଜି ଘଡ଼ଘଡ଼ି ସହିତ କମ୍‌ରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଗତକାଲି କନ୍ଧମାଳ ଜିଲ୍ଲାର ଘୁମୁସର-ଉଦୟଗିରିରେ ରାତିର ସର୍ବନିମ୍ନ ତାପମାତ୍ରା ୪ ଦଶମିକ ୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା ।

*****